Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

# ଝଡ଼ ପାଖେଇ ଆସୁଛି, ଚେନ୍ନାଇ ସହରରେ ପୁଣି ପ୍ରବଳ ବର୍ଷାର ସମ୍ଭାବନା

ତାରିଖ : ୧୨/୮/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୨.୯ | ୨୮.୯ |
| କଟକ | ୧୧.୫ | ୨୯.୩ |
| ବାଲେଶ୍ୱର | ୧୧.୭ | ୨୭.୭ |
| ଗୋପାଳପୁର | ୧୪.୭ | ୨୮.୩ |
| ଝାରସୁଗୁଡ଼ା | ୧୧.୦ | ୨୯.୨ |

ବିତର୍କ/ମତାମତ ସଂଗ୍ରହ

ପୌରାଞ୍ଚଳ ଜମି ଲିଜ୍ କ୍ଷମତା ପୌରସଭା ହାତରେ ରହିବା ଉଚିତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ମାମଲା: ଉତ୍କଳ ବିଶ୍ୱବିଦ୍ୟାଳୟକୁ ପକ୍ଷଭୁକ୍ତ କରିବାକୁ ଓ ଅଦାଲତରେ ନଥିପତ୍ର ଦାଖଲ କରିବାକୁ ପିଟିସନ୍

କଟକ(ଇମିସ): ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ) ସ୍ଥାନାନ୍ତର ମାମଲା ପୁଣି ନୂଆ ମୋଡ଼ ନେଇଛି। 'ଭୁବନେଶ୍ୱରଠାରେ କୌଣସି ପ୍ରକାର ବିଜ୍ଞାନ ପ୍ରତିଷ୍ଠାନ କେବେ ଖୋଲିବାର ପ୍ରସ୍ତାବ ହିଁ ନ ଥିଲା। ତେଣୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରରୁ କଲିକତାକୁ ସ୍ଥାନାନ୍ତର କରାଯିବା ପରି ଅଯୌକ୍ତିକ ପ୍ରଶ୍ନ ଉଠୁଛି କେଉଁଠୁ' ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଶ୍ନ କରାଯାଇ ସ୍ଥାନାନ୍ତର ଉପରେ ହାଇର୍କୋଟ ଜାରି କରିଥିବା ମଧ୍ୟବର୍ତୀକାଳୀନ ରହିତାଦେଶକୁ ଉଠାଇବା ସକାଶେ ମିସ ପିଟିସନ୍ ଦାୟର କରାଯାଇଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ମଧ୍ୟ ଗତକାଲି ଦୁଇଟି ମିସ ପିଟିସନ୍ ଦାୟର କରାଯାଇଛି। ଆବେଦନକାରୀ ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ପକ୍ଷରୁ ଦୁଇଟି ମିସ୍ଟିସିସନ୍ ଦାୟର କରାଯାଇ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମାମଲାରେ ପକ୍ଷଭୁକ୍ତ କରାଯିବାକୁ ଏବଂ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ଓ ସ୍ଥାନାନ୍ତର ନେଇ କେନ୍ଦ୍ର, ରାଜ୍ୟ, ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ଯାବତୀୟ ପତ୍ରାଳାପ ଏବଂ ସରକାରୀ ନଥିପତ୍ର, କାଗଜାତ୍କୁ ଅଦାଲତରେ ଉପସ୍ଥାପନ କରାଯିବାକୁ ପ୍ରାର୍ଥନା କରାଯାଇଛି। ସ୍ମରଣଯୋଗ୍ୟ, ଗତ ମାସ ୮ ତାରିଖରେ ମାନ୍ୟବର ହାଇର୍କୋଟ ଏ ସଂପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ପ୍ରସ୍ତାବିତ ପ୍ରତିଷ୍ଠାନ ଭୁବନେଶ୍ୱରରୁ ଅନ୍ୟତ୍ର ପୂର୍ବାଞ୍ଚଳର କୌଣସି ସ୍ଥାନକୁ ଉଠିଯାଇ ପାରିବ ନାହିଁ ବୋଲି ମଧ୍ୟବର୍ତୀକାଳୀନ ରହିତାଦେଶ ଜାରି କରିବା ସହ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲେ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ଅନୁସଚିବ ପ୍ରେମ କୁମାର ଏ ସଂପର୍କରେ ହାଇର୍କୋଟରେ ଗତ ୨୫ ତାରିଖରେ ସତ୍ୟପାଠ ସମ୍ବଳିତ ଜବାବ ଦାଖଲ କରିଥିଲେ। ଏତଦ୍ୱ୍ୟତୀତ ରହିତାଦେଶକୁ ଉଠାଇବା ନିମନ୍ତେ ଏବଂ କଲିକତାଠାରେ ଆଇଆଇଏସ୍ଇଆର୍ ପ୍ରତିଷ୍ଠାନ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଅଦାଲତଙ୍କ ଅନୁମତି ପାଇବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୃଥକ୍ ପୃଥକ୍ ଦୁଇଟି ମିସ୍ଟିସିସନ୍ ଦାୟର କରାଯାଇଥିଲା। ଆଜି ହାଇର୍କୋଟର ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ ମାନ୍ୟବର ବିଚାରପତି ଏମ୍.ଏମ୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମିସ୍ଟିସିସନଟିର ଶୁଣାଣି କରାଯିବାକୁ ଧାର୍ଯ୍ୟ ହୋଇଥିଲା। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବୈଷୟିକ ବିଭାଗର ଅନୁସଚିବ



ଘରୋଇ ପର୍ଯ୍ୟଟକଙ୍କ ପାଇଁ ଦେଶର ଦ୍ୱିତୀୟ ମୁଖ୍ୟ ଆକର୍ଷଣ ହେଉଛି ଆମ ପୁରୀ। ପ୍ରଥମ ତିରୁପତି, ତୃତୀୟ ବୈଷ୍ଣୋଦେବୀ। ଚତୁର୍ଥରେ ଶୈଳନିବାସ ଦାର୍ଜିଲିଂ ଓ ପଞ୍ଚମରେ ଆଗ୍ରାର ତାଜମହଲ।

ଅନ୍ୟାନ୍ୟ ଖବର


- ଗଛରେ ପିଟିହୋଇ ଦୁଇ ମୋଟର୍ ସାଇକେଲ ଆରୋହୀଙ୍କ ମୃତ୍ୟୁ
- ସେଲସ୍ ରିପ୍ରେଜେଣ୍ଟେଟିଭ୍ସ ୟୁନିଅନ୍ ସମ୍ମିଳନୀ, ଧର୍ମଘଟ ପାଇଁ ନିଷ୍ପତ୍ତି
- ଟ୍ରେନରେ ଚୋରି ବଢ଼ିଛି, ରେଳ ସୁରକ୍ଷା ବଳ ମୁରବିଶୂନ୍ୟ
- ଟ୍ରେନରେ ଯାତ୍ରୀମାନେ ଏବେ କଂପ୍ୟୁଟର ସାଙ୍ଗରେ ନେଇପାରିବେ
- ବେଳାଭୂମିରେ ଦର୍ଶକଙ୍କୁ ଆକ୍ରମଣ
- ଶିକ୍ଷା ସହାୟକ ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ: ଗୃହ ମୁଲତବୀ
- ୧୨୪ଟି ପଶୁ ଚିକିତ୍ସାଳୟର ନିଜସ୍ୱ ଗୃହ ନାହିଁ: ପଶୁ ସଂପଦ ମନ୍ତ୍ରୀ
- ବେଆଇନ କ୍ରସର ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ଶିଳ୍ପ ମନ୍ତ୍ରୀ
- ଚଳିତ ବର୍ଷ ୩୫ ହଜାର ହେକ୍ଟର ଜମିରୁ ଜଳ ନିଷ୍କାସନ ହେବ: ମୁଖ୍ୟମନ୍ତ୍ରୀ
- ବାଚସ୍ପତିଙ୍କ କୁଶପୁତ୍ତଳିକା ଦାହ
- ୧୦ ଦଫା ଦାବିରେ ବିଧାନସଭା ସମ୍ମୁଖରେ 'ଓଷ୍ଟା'ର ଧାରଣା
- ବିଧାନସଭା ସମ୍ମୁଖରେ ଡିପ୍ଲୋମା ଇଂଜିନିୟରଙ୍କ ଧାରଣା
- ଟିଟିପିଏସ୍ ଆସ୍ଥଣ୍ଡ କ୍ଷତିଗ୍ରସ୍ତ ଥଇଥାନ ଦାବିରେ ୧୦ରୁ ଆନ୍ଦୋଳନ

ପ୍ରେମ କୁମାର ସ୍ୱୟଂ ଅଦାଲତରେ ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ହେତୁ ଆବେଦନକାରୀଙ୍କ ପକ୍ଷରୁ ମୋକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ଅନୁପସ୍ଥିତ ଥିବାରୁ ମୂଳ ମାମଲାର ଆବେଦନକାରୀ ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସ ମଧ୍ୟ ଅଦାଲତରେ ଉପସ୍ଥିତ ରହିଥିଲେ। ରହିତାଦେଶ ଉଠାଇବାକୁ କରାଯାଇଥିବା ପିଟିସନ୍‌ଟିର ଶୁଣାଣି ଗତକାଲି ହେବାକୁ ଧାର୍ଯ୍ୟ ହୋଇଥିଲେ ହେଁ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ହେତୁ ଶୁଣାଣି ପୁଣି ସ୍ଥଗିତ ରହିଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ଜବାବର ପ୍ରତିଜବାବ ସ୍ୱରୂପ ଇତିମଧ୍ୟରେ ରାଜ୍ୟ ସରକାର ଏବଂ ଆବେଦନକାରୀଙ୍କ ପକ୍ଷରୁ ପୃଥକ୍ ପୃଥକ୍ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଛି।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com